ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 926/24-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୨୪ ଡିସେମ୍ବର,୨୦୨୦**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ରାଉରକେଲା ସହରରେ ଏକ ବିଶ୍ୱସ୍ତରୀୟ ନୂତନ ହକି ଷ୍ଟାଡିୟମ୍ ସ୍ଥାପନ ନିମନ୍ତେ ଘୋଷଣା କରିଛନ୍ତି । ଏହି ଷ୍ଟାଡିୟମ୍ ୨୦ ହଜାର ଆସନବିଶିଷ୍ଟ ଭାରତର ସର୍ବବୃହତ ହକି ଷ୍ଟାଡିୟମ୍ ହେବ ଏବଂ ଅଞ୍ଚଳର କ୍ରୀଡ଼ା ପରିଦୃଶ୍ୟକୁ ନୂତନ ସଂଜ୍ଞା ପ୍ରଦାନ କରିବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବ ଘୋଷଣା ଅନୁସାରେ ଓଡ଼ିଶା ୨୦୨୩ରେ ପୁଣିଥରେ ମର୍ଯ୍ୟାଦାଜନକ ପୁରୁଷ ବିଶ୍ୱ ହକି କପ୍‌ର ଗୌରବାନ୍ୱିତ ଆୟୋଜକ ହେବ ଏବଂ ଏହି ଟୁର୍ଣ୍ଣାମେଣ୍ଟ ଉଭୟ ଭୁବନେଶ୍ୱର ଓ ରାଉରକେଲାଠାରେ ଅନୁଷ୍ଠିତ ହେବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼କୁ ହକିର ଶକ୍ତିକେନ୍ଦ୍ର ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ଏହି ଜିଲ୍ଲାର ବହୁ ସ୍ୱନାମଧନ୍ୟ ହକି ଖେଳାଳୀ ଅନ୍ତର୍ଜାତୀୟ ସ୍ତରରେ ଦେଶକୁ ପ୍ରତିନିଧିତ୍ୱ କରିଛନ୍ତି । ସମଗ୍ର ଜିଲ୍ଲାରେ ହକିର ଲୋକପ୍ରିୟତା ଅନୁଭବ କରିହେବ ଏବଂ ବିଶ୍ୱର ଅନ୍ୟ କୌଣସି ସ୍ଥାନ ଅପେକ୍ଷା ଜିଲ୍ଲାବାସୀଙ୍କର ହକିଖେଳାଳୀଙ୍କ ପ୍ରତିଥିବା ସମର୍ଥନ ଅତୁଳନୀୟ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମସ୍ତ ଆନୁଷଙ୍ଗିକ ସୁବିଧା ଥିବା ଏହି ଷ୍ଟାଡିୟମ୍‌କୁ ବିଶ୍ୱର ଅନ୍ୟ ହକି ଷ୍ଟାଡିୟମର ମାନଦଣ୍ଡ ଅନୁଯାୟୀ ବିକଶିତ କରାଯିବ । ସେ ପୁଣି କହିଛନ୍ତି ଯେ ସମସ୍ତ ଅତ୍ୟାଧୁନିକ ସୁବିଧା ଥିବା ଏବଂ ୧୫ ଏକର ଜାଗା ଉପରେ ଅବସ୍ଥିତ ଏହି ଷ୍ଟାଡିୟମ୍ ରାଉରକେଲାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ନିର୍ମାଣ କରାଯିବ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟର ପ୍ରଥମ ଟାଉନ୍ ପ୍ଲାନିଂ ଯୋଜନାରେ ଭୁବନେଶ୍ୱର ଉପକଣ୍ଠର ୪ଟି ଗାଁ–ସହଜପୁର, ନାରଗୋଦା, ସିଜୁପୁଟ ଓ ପାଇକରାପୁରର ଗ୍ରାମବାସୀମାନଙ୍କୁ ବିକଶିତ ଅଞ୍ଚଳର ଜମିପଟ୍ଟା ବଣ୍ଟନ କରିଛନ୍ତି । ସେ କହିଛନ୍ତି ଯେ ସହରାଞ୍ଚଳ ବିକାଶରେ ଓଡ଼ିଶା ଏକ ରୋଲ ମଡେଲ୍ ହେବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରାଞ୍ଚଳ ବିକାଶରେ ନାଗରିକ ଓ ଗୋଷ୍ଠୀଗତ ଭାଗୀଦାରି ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା । ସେ ପୁଣି କହିଛନ୍ତି ଯେ ଭୁବନେଶ୍ୱର କେବଳ ରାଜ୍ୟ ନୁହେଁ, ସାରା ଦେଶରେ

ଏକ ଆକର୍ଷଣୀୟ ସହର ଏବଂ ଏହାର ଲୋକସଂଖ୍ୟା ତଥା ପରିସୀମା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏହି ଦୃଷ୍ଟିରୁ ଭୁବନେଶ୍ୱରର ସାମଗ୍ରିକ ବିକାଶ ନିମନ୍ତେ ଟାଉନ୍ ପ୍ଲାନିଂ ଯୋଜନା କାର୍ଯ୍ୟକାରୀ ହେଉଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ସଂପୃକ୍ତ ଗ୍ରାମଗୁଡ଼ିକର ଗ୍ରାମବାସୀମାନଙ୍କୁ ସେମାନଙ୍କ ସହଯୋଗ ନିମନ୍ତେ ଧନ୍ୟବାଦ ଦେଇଛନ୍ତି ।

- ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ଶ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ ଶ୍ରୀ ଅଶୋକ କୁମାର ମୀନା, ପ୍ରମୁଖ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଶ୍ରୀ ଜି. ମାଥିଭାଥନନ୍, ପ୍ରମୁଖ ଶାସନ ସଚିବ, ରାଜସ୍ୱ ବିଭାଗ ଶ୍ରୀ ବିଷ୍ଣୁପଦ ସେଠୀ, ଶାସନ ସଚିବ, ପୂର୍ତ୍ତ ବିଭାଗ ଶ୍ରୀ କିଷନ କୁମାରଙ୍କ ସମେତ ବରିଷ୍ଠ ଅଧିକାରୀବୃନ୍ଦ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଜାତୀୟ ଖାଉଟି ଦିବସ ଅବସରରେ ଖାଉଟିମାନଙ୍କୁ ସେମାନଙ୍କ ଅଧିକାର ପ୍ରତି ସଚେତନ କରିବା ଏବଂ ଦ୍ରବ୍ୟ ବା ସେବାର ଗୁଣ, ପରିମାଣ, ମାନକ ଏବଂ ମୂଲ୍ୟ ଉପରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ସହ ନିୟମକୁ କଠୋର କରି ସମ୍ବେଦନଶୀଳ ଖାଉଟିଙ୍କୁ ଅସାଧୁ ବ୍ୟବସାୟରୁ ସୁରକ୍ଷା ଦେବା ପାଇଁ ଆହ୍ୱାନ ଜଣାଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କରୋନା ମହାମାରୀକୁ ରୋକିବା ପାଇଁ ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ତୁରନ୍ତ ସ୍ୱେଚ୍ଛାକୃତ ଭାବେ ଟେଷ୍ଟିଂ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି । ରାଜ୍ୟକୁ କରୋନାମୁକ୍ତ କରିବା ପାଇଁ ଆଉ କିଛି ଦିନ ନିୟମ ପାଳନ ସହିତ ସତର୍କତା ଅବଲମ୍ବନ କରିବାକୁ ସେ ବାର୍ତ୍ତା ଦେଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତୃଣମୂଳସ୍ତରରେ ବ୍ୟାପକ ସର୍ବେକ୍ଷଣ, ସଚେତନତା କାର୍ଯ୍ୟକ୍ରମ, ଫଳପ୍ରଦ ପ୍ରଶମନ ପଦକ୍ଷେପ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା 'ଦମନ' କାର୍ଯ୍ୟକ୍ରମ ଯୋଗୁଁ ମାଲକାନଗିରି ଜିଲ୍ଲା ଅପ୍ରତ୍ୟକ୍ଷ ସଂକ୍ରାମକ ରୋଗ ନିରାକରଣରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଓ ଏହି ଜିଲ୍ଲା ବର୍ତ୍ତମାନ ମାଲେରିଆମୁକ୍ତ ହେବାକୁ ଯାଉଛି ।

➢ କୋଭିଡ୍ ସଚେତନତାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ୟୁନିସେଫ୍, ଓଡ଼ିଶା ଶାଖାର ମିଳିତ ସହଯୋଗରେ କୋଭିଡ୍ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ସପ୍ତାହବ୍ୟାପୀ ଚାଲିବାକୁ ଥିବା ଏହି ଅଭିଯାନରେ ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଞ୍ଜାମ ଏବଂ ଖୋର୍ଦ୍ଧା ଆଦି ୭ଟି ଜିଲ୍ଲା ସହ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ 'ସଚେତନତା ରଥ' ପରିକ୍ରମା କରିବ ଏବଂ ଏଥିରେ ୧୦ଟି ଲୋକକଳା ଦଳ ଭାଗନେବେ ।

- ଶ୍ରୀ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ସୂଚନା ଓ ଲୋକସଂପର୍କ, ଜଳସଂପଦ, ଶ୍ରୀ ଜନ୍ମେଜୟ ଲେଙ୍କା, ସଂସ୍କୃତି ବିଭାଗର ପରାମର୍ଶଦାତା, ଶ୍ରୀ ବିଷ୍ଣୁପଦ ସେଠୀ, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଶ୍ରୀ ସଂଜୟ କୁମାର ସିଂ, କମିଶନର ତଥା ଶାସନ ସଚିବ, ସୂଚନା ଓ ଲୋକସଂପର୍କ

ବିଭାଗ, ଶ୍ରୀ କୃପାସିନ୍ଧୁ ମିଶ୍ର, ନିର୍ଦ୍ଦେଶକ, ସୂଚନା ଓ ଲୋକସଂପର୍କ ବିଭାଗ, ଶ୍ରୀ ରଂଜନ କୁମାର ଦାସ, ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଡ. ମୀନା ସୋମ୍, ୟୁନିସେଫ୍‌ର ରାଜ୍ୟ ପ୍ରତିନିଧି ପ୍ରମୁଖ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

➤ ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୨୩ ରୁ ୨୪ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ  ଜଣଙ୍କ ବିରୁଦ୍ଧରେ ମାମଲା ଦାଏର କରାଯାଇଥିବାବେଳେ ୮ ଜଣ ବ୍ୟକ୍ତିଙ୍କୁ ଗିରଫ, ୪୫୫ ଟି ଗାଡ଼ି ଜବତ ଏବଂ ୧୭,୮୪,୪୨୫ ଟଙ୍କା ଜରିମାନା ଆଦାୟ କରାଯାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୭,୩୭,୩୨୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୭,୫୪୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୨,୬୪୮ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୫୦ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨,୯୯୧ ରହିଛି ।
- ୨,୯୯୧ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**